# ତହସିଲଦାରଙ୍କ କାର୍ଯ୍ୟାଳୟ, ନିଶ୍ଚିନ୍ତକୋଇଲି

ବିଜ୍ଞପ୍ତି ସଂଖ୍ୟା: 1993 / ସଇରାତ / ତାରିଖ: 14.09.2020

## ଲଘୁ ଖଣିଜ ଉସ୍ତ ଦୀର୍ଘ ମିଆଦୀ ଲିଜ ନିମନ୍ତେ ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ନିଶ୍ଚିନ୍ତକୋଇଲି ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ଲଘୁ ଖଣିଜ ଉସ୍ତ (Annexure – 1 ରେ ପ୍ରଦତ୍ତ) ଗୁଡିକୁ ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଲିଜ ରେ ଅଂଶଗ୍ରହଣ ପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷ ଉସ୍ତ ଗୁଡିକୁ ପରିଦର୍ଶନ କରି ଏହାର ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରିବା ପରେ ଆବେଦନ କରିବା ବାଞ୍ଛନୀୟ । ଲିଜ ନେବା ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rule – 2016 ଏବଂ ଏହାର Amendments Rule ମୁତାବକ ନିମ୍ନ ଲିଖିତ ଆବଶ୍ୟକୀୟ କାଗଜାତ Sealed Cover ରେ ଆବେଦନ କରିବେ।

୧. OMMC Rule – 2016 ଅନ୍ତର୍ଗତ ନିର୍ଭୁଲ ଭାବରେ ପୂରଣ ହୋଇଥିବା ଏବଂ ଦରଖାସ୍ତକାରୀଙ୍କ ଦ୍ୱାରା ଦସ୍ତଖତ କରାଯାଇଥିବା ୩ କିତା Form M (3 copies) ଦାଖଲ କରିବେ ।

୨. ଦରଖାସ୍ତ ଫି. ବବାଦକୁ ଟ. ୧୦୦୦.୦୦ (ଏକ ହଜାର) ଟଙ୍କାର ଟ୍ରେଜେରୀ ଚାଲାଣ (Head of Account – 0853 – Non Ferrous Mining and Meteorological Industries – 102 – Mineral Concession Fees, Rent & Royalties) ଦାଖଲ କରିବେ ଏବଂ ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

୩. ଉସ୍ତର ନାମ, ତଫସିଲ ଏବଂ ସରହଦ ବିବରଣୀ ସଂଲଗ୍ନ କରିବା ହେବେ ।

୪. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ଏବଂ ରାଜସ୍ୱ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ଦାଖଲ କରିବେ।

୫. ଦରଖାସ୍ତକାରୀ ୧୮ ମାସର ଅବଧି ଥାଇ ଏକ Solvency Certificate କିମ୍ବା Bank Guarantee ଦାଖଲ କରିବେ ଯାହାର ସର୍ବନିମ୍ନ ମୂଲ୍ୟ ସଇରାତ ଉସ୍ତର ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed Quantity) x (Royalty + Offered Additional Charges by participant) ହେବା ଆବଶ୍ୟକ । Annexure – 1 କ୍ରମାନୁସାରେ ସଇରାତ ଉସ୍ତ ଗୁଡିକୁ ନିଲାମକୁ ନିଆଯିବ । ଦରଖାସ୍ତକାରୀ ଆବେଦନ କରିଥିବା ନିଲାମ ମୂଲ୍ୟ ଅନୁଯାୟୀ ଉପରୋକ୍ତ ହିସାବ ଅନୁସାରେ Solvency Certificate କିମ୍ବା Bank Guarantee ମୂଲ୍ୟକୁ ଗ୍ରହଣ କରାଯିବ । ଯଦି ଦରଖାସ୍ତକାରୀ ଏକାଧିକ ସଇରାତ ଉସ୍ତ ନିମନ୍ତେ ଆବେଦନ କରିଥାନ୍ତି Annexure – 1 ର କ୍ରମାନୁଯାୟୀ Solvency Certificate କିମ୍ବା Bank Guarantee ମୂଲ୍ୟ କୁ ଗ୍ରହଣ କରାଯିବ ।

୬. ଦରଖାସ୍ତକାରୀ ଆବେଦନ କରୁଥିବା ସଇରାତ ଉସ୍ତର EMD (Earnest Money Deposit) ବ୍ୟାଙ୍କ ଡ୍ରାଫ୍ଟ ହିସାବରେ ଜମା କରିବେ ଯାହାର ପରିମାଣ [(Minimum Guaranteed Quantity) x (Royalty +

Offered Additional Charges)] ର ଶତକଡା ୫% ରହିବ । ଉକ୍ତ Bank Draft Tahasildar Nischintakoili ଙ୍କ ନାମରେ କରିବା ବାଞ୍ଛନୀୟ ନଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ।

୭. ଦରଖାସ୍ତକାରୀ ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଅସ୍ଥାବର ସମ୍ପତ୍ତି ତାଲିକା ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ଯଥା ବୈଷୟିକ ଜ୍ଞାନ, ଅଭିଜ୍ଞତା, ପାଖରେ ଥିବା ଯନ୍ତ୍ର ସମୂହ ଏବଂ ଆର୍ଥିକ ସ୍ଥିତି ଇତ୍ୟାଦିର ପ୍ରମାଣପତ୍ର ସଂଲଗ୍ନ କରିପାରନ୍ତି ।

୮. ଦରଖାସ୍ତକାରୀ ଗତବର୍ଷର ଆୟକର ଦାଖଲ (Income Tax Return Filling) ବିବରଣୀର ନକଲ / GST Clearance Certificate ର ନକଲ ଦାଖଲ କରିବେ ।

୯. ଦରଖାସ୍ତକାରୀ କୌଣସି ସଇରାତ ଉତ୍ସ ନିମନ୍ତେ ଆବେଦନ କରିବା ପୂର୍ବରୁ, ଉକ୍ତ ଉତ୍ସକୁ ପରିଦର୍ଶନ କରିଥିବାର ଏକ ସ୍ୱଘୋଷିତ ଲିଖିତନାମା (Self-Declaration) ଦାଖଲ କରିବେ ।

୧୦. ଦରଖାସ୍ତକାରୀ ସଇରାତ ଉତ୍ସ ର Mining Plan, EC Preparation & Sairat Advertising Cost ର ସମସ୍ତ ଖର୍ଚ୍ଚ ବାବଦ ମୂଲ୍ୟ ଦେବା ନେଇ ଏକ ସତ୍ୟପାଠ ଦାଖଲ କରିବେ ।

୧୧. ଦରଖାସ୍ତକାରୀ ବନ୍ଦ ଲଫାପାର ଉପରି ଭାଗରେ ବଡ ଅକ୍ଷରରେ କେଉଁ ସଇରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନକାରୀଙ୍କ ନାମ, ଠିକଣା ଓ ଫୋନ ନମ୍ବର ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ ।

ଉପରୋକ୍ତ କାଗଜାତ ସହ ଦରଖାସ୍ତକୁ ଜଉମୁଦ ଲଫାପା ରେ Registered Post କିମ୍ବା Speed Post ଯୋଗେ ନିମ୍ନଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ଜଉମୁଦ ଦିଆ ଟେଣ୍ଡର ବକ୍ସ ରେ **ତା ୨୧.୦୯.୨୦୨୦ ରିଖରୁ ତା. ୨୧.୧୦.୨୦୨୦ ରିଖ ମଧ୍ୟରେ ଅପରାହ୍ଣ ୫.୩୦ ଘଟିକା ସୁଦ୍ଧା** ଯେ କୌଣସି କାର୍ଯ୍ୟ ଦିବସରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ପରିଧି ମଧ୍ୟରେ ପକାଇବା ଆବଶ୍ୟକ । **ତା.୨୧.୧୦.୨୦୨୦ ରିଖ ଅପରାହ୍ଣ ୫.୩୦ ଘଟିକା** ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ । ତା. **୨୨.୧୦.୨୦୨୦** ରିଖ **ପୂର୍ବାହ୍ଣ ୧୧ ଘଟିକା** ସମୟରେ ଉପଜିଲ୍ଲାପାଳ, ସଦର,କଟକଙ୍କ କାର୍ଯ୍ୟାଳୟ ଠାରେ ଆବେଦନ କରାଯାଇଥିବା ଦରଖାସ୍ତ ଗୁଡିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ବକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତଗୁଡିକୁ ତନଖି କରାଯିବ ଏବଂ OMMC Rule -2016 ଅନୁଯାୟୀ ସମସ୍ତ ସର୍ତ୍ତାବଳୀ କୁ ପୂରଣ କରୁଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯାଇ ତନ୍ମଧ୍ୟରୁ ସର୍ବୋଚ୍ଚ ଦର ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ବାତିଲ କରିଦିଆଯିବ ।

ଯଦି କୌଣସି ସଇରାତ ଉତ୍ସ ଉପରୋକ୍ତ ଦିବସରେ ନିଲାମ ନହୋଇପାରେ ତେବେ ତାହା **ତା ୦୩.୧୧.୨୦୨୦ ରିଖ ତାରିଖ ଅପରାହ୍ଣ ୫.୩୦** ପର୍ଯ୍ୟନ୍ତ ପୁନର୍ବାର Registered Post /Speed Post/ Tender box ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ **ତା ୦୪.୧୧.୨୦୨୦ ରିଖ ପୂର୍ବାହ୍ଣ ୧୧ ଘଟିକା** ସମୟରେ ଉପଜିଲ୍ଲାପାଳ, ସଦର,କଟକଙ୍କ କାର୍ଯ୍ୟାଳୟ ଠାରେ ଆବେଦନ କରାଯାଇଥିବା ଦରଖାସ୍ତ ଗୁଡିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ବକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତଗୁଡିକୁ ତନଖି କରାଯିବ ।

ସେହିପରି ଯଦି କୌଣସି ସଇରାତ ଉତ୍ସ ଉପରୋକ୍ତ ଦିବସରେ ପୁନର୍ବାର ନିଲାମ ନହୋଇପାରେ ତେବେ ତାହା **ତା ୧୬.୧୧.୨୦୨୦ ରିଖ ତାରିଖ ଅପରାହ୍ଣ ୫.୩୦** ପର୍ଯ୍ୟନ୍ତ ପୁନର୍ବାର Registered Post /Speed Post/ Tender box ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ **ତା ୧୭.୧୧.୨୦୨୦ ରିଖ ପୂର୍ବାହ୍ଣ ୧୧ ଘଟିକା** ସମୟରେ ଉପଜିଲ୍ଲାପାଳ, ସଦର,କଟକଙ୍କ କାର୍ଯ୍ୟାଳୟ ଠାରେ ଆବେଦନ କରାଯାଇଥିବା ଦରଖାସ୍ତ ଗୁଡିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ବକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତଗୁଡିକୁ ତନଖି କରାଯିବ ।

ଠିକଣା

ତହସିଲଦାରଙ୍କ କାର୍ଯ୍ୟାଳୟ, ନିଶ୍ଚିନ୍ତକୋଇଲି, କଟକ

ସା/ପୋଷ୍ଟ – ନିଶ୍ଚିନ୍ତକୋଇଲି, ଜିଲ୍ଲା – କଟକ

ପିନ – ୭୫୪୨୦୭

# ସର୍ତ୍ତାବଳୀ

1. ଆବେଦନକାରୀମାନେ OMMC Rule – 2016 ଏବଂ ଏହାର Amendments Rule ର ପରିସରଭୁକ୍ତ ରହିବେ ।
2. ଆବେଦନକାରୀ ଲିଜ ପାଇଁ ଉଦ୍ଦିଷ୍ଟ ନିଲାମରେ ଭାଗ ନେବା ପୂର୍ବରୁ ବାଲି ଉତ୍ସ ଗୁଡିକ ପରିଦର୍ଶନ କରି ସଇରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଛିତ ଥିବା ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଏହି ଲିଜ ଉଦ୍ଦିଷ୍ଟ ନିଲାମରେ ଅଂଶଗ୍ରହଣ କରିବେ । ଲିଜ ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ ଏବଂ ସେଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
3. ଲିଜଧାରୀ Mining Plan, EC ଏବଂ Advertising ର ମୂଲ୍ୟ ଦାଖଲ କରିବେ ନଚେତ ଲିଜ ବାତିଲ କରାଯିବ । ସର୍ବୋଚ୍ଚ ନିଲାମଧାରୀ ବାଲି ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent to operate) ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରୁ (Odisha Pollution Control Board) ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।
4. ବାଲି ସଇରାତ ଉତ୍ସ ପାଇଁ ଘନମିଟର (Per Cubic Metre) ପ୍ରତି ସର୍ବନିମ୍ନ ସରକାରୀ ରୟାଲିଟି ମୂଲ୍ୟ ଏବଂ ସର୍ବନିମ୍ନ ଅତିରିକ୍ତ ଦେୟ (Additional Charge) ର ମୂଲ୍ୟ Annexure – 1 ମୁତାବକ ଧାର୍ଯ୍ୟ କରାଯାଇଛି ।
5. ସରକାରୀଭାବେ ଘନମିଟର ପ୍ରତି ଧାର୍ଯ୍ୟ ସର୍ବନିମ୍ନ ଅତିରିକ୍ତ ଦେୟ (Minimum Additional Charge) ଏବଂ Royalty ର ଦରଠାରୁ କମ ଦରରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକୀୟ ଦଲିଲ ସଂଲଗ୍ନ ନକରିଥିବା ଦରଖାସ୍ତକାରୀଙ୍କ ଦରଖାସ୍ତ ଖାରଜ କରି ଦିଆଯିବ ।
6. ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସଇରାତ ଉତ୍ସ ନିମନ୍ତେ ସମାନ Royalty ଏବଂ Additional Charge ମୂଲ୍ୟ ଦର୍ଶାଇ ଥାନ୍ତି ତେବେ ଲଟେରୀ (By Draw of Lots) ମାଧ୍ୟମରେ ଯୋଗ୍ୟ ବିବେଚିତ କରାଯିବ ।
7. ଯଦି କୌଣସି ଉତ୍ସ ନିମନ୍ତେ କେବଳ ଗୋଟିଏ ମାତ୍ର ଦରଖାସ୍ତ ଗ୍ରହଣ ହୋଇଥିବ ତେବେ ସେହି ଉତ୍ସ ପାଇଁ ନିଲାମ କରାଯିବ ନାହିଁ ।
8. ଚୟନ କରାଯାଇଥିବା ନିଲାମ ଧାରୀ ଙ୍କୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ Form – F ମାଧ୍ୟମରେ ଚୟନ ସମ୍ବନ୍ଧୀୟ ତଥ୍ୟ ଏବଂ ସଇରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ସର୍ତ୍ତାବଳୀ ଯୋଗାଇ ଦିଆଯିବ । ଏହି Form – F ପାଇବାର ୧୫ ଦିନ ମଧ୍ୟରେ ଚୟନ ହୋଇଥିବା ନିଲାମ ଧାରୀ ନିଲାମ ନେବା ନେଇ ନିଜର ସ୍ୱୀକୃତି ପ୍ରଦାନ କରିବେ ଏବଂ ବାର୍ଷିକ ଦେୟ [{(Minimum Guaranteed Quantity) x (Royalty + Offered Additional Charges)} + (District Mineral Foundation)] ର ଏକ ଚତୁର୍ଥାଂଶ Earnest Money କୁ ବାଦ ଦେଇ ବଳକା ରାଶିର ପରିମାଣ ଜମା କରିବେ ଏବଂ ଏଥି ସହ ପୂର୍ବରୁ ଦାଖଲ ହୋଇଥିବା Earnest Money କୁ ଏକତ୍ର କରି ସୁଧ ରହିତ ଅମାନତ ରାଶି (Security Deposit) ଭାବରେ ରଖାଯିବ । ଅମାନତ ରାଶିର ପରିମାଣ ଲିଜ ଫାଇନାଲ ହେବା ପରେ ସ୍ଥିର କରାଯିବ । ଯଦି ମନୋନୀତ ବ୍ୟକ୍ତି ୧୫ ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ଏବଂ ଅମାନତ ରାଶି ପଇଠ ନକରନ୍ତି, ତେବେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ଏବଂ ନିଲାମ ଧାରୀ ଙ୍କ Earnest Money କୁ ବାଜ୍ୟାପ୍ତି କରାଯିବ । ନିଲାମ ଧାରୀ ଙ୍କ ସ୍ୱୀକୃତି ପରେ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରି ଅଯୋଗ୍ୟ ବିବେଚିତ ହୋଇଥିବା ଆବେଦନକାରୀଙ୍କ Earnest Money କୁ ଫେରସ୍ତ କରିଦିଆଯିବ ।
9. ନିଲାମଧାରୀ ସମସ୍ତ (Clearance) ଦେୟ ଜମା କରିବା ପରେ ସେ Form – N ରେ ଚୁକ୍ତିପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାର ରେଜେଷ୍ଟ୍ରି (Registration Act-1908 and Stamp Act 1890 & 1899 ଅନୁଯାୟୀ ) ସମ୍ପାଦନ କରିବେ।
10. OMMC Rule – 2016 ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ଜମାରାଶି ବାଜ୍ୟାପ୍ତି କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିବ ।
11. ଲିଜଧାରୀ ସଇରାତ ଉତ୍ସ ସମ୍ବନ୍ଧୀୟ ସମସ୍ତ ଦେୟ ଯଥା Royalty, Additional Charge, Dead Rent, Surface Rent, DMF, EMF ଓ ଅନ୍ୟାନ୍ୟ ଦେୟର OMMC Rule – 2016 ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ପଇଠ କରିବେ ଏବଂ ଏ ସମସ୍ତ ଦେୟର 2% ଆୟ କର (TCS) ବବାଦକୁ ଜମା କରିବେ।
12. ଲିଜ ଧାରୀ ସଇରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ବାଡ ଦେଇ ଚିହ୍ନଟ କରିବେ ଏବଂ ତାହା ସାମ୍ନାରେ ଫଳକ (Display Board) ଏବଂ ଆବଶ୍ୟକତା ବ୍ୟବସ୍ଥା କରି ସେଥିରେ ସଇରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ପାଇଁ ସମସ୍ତ ଖର୍ଚ୍ଚ ଲିଜଧାରୀ ବହନ କରିବେ ।
13. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସଇରାତ ଉତ୍ସରୁ ବାଲି ଉଠାଇ ପାରିବେ ନାହିଁ ।
14. ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ ଓ ଅନ୍ୟାନ୍ୟ କାଗଜାତ ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟ ରେ ଛୁଟିଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ପାଇ ପାରିବେ । ଏହି ଇସ୍ତାହାର ର ସଂପୂର୍ଣ୍ଣ ବିବରଣୀ ଜିଲ୍ଲା ସରକାରୀ ୱେବସାଇଟ (www.cuttack.nic.in) ରେ ଦେଖିପାରିବେ ।
15. ନିଲାମ ଦରଖାସ୍ତକାରୀ ମାନେ ଓଡ଼ିଶା ଲଘୁଖଣିଜ ନିୟମ ୨୦୧୬ (OMMC Rule – 2016) ଏବଂ ତତ ସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ ହେବେ ।

16. ଲିଜଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟରରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉଥିବା ଲଘୁଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବା ସହିତ ଲଘୁ ଖଣିଜ ଉତ୍ତୋଳନ ଏବଂ ପରିବହନ ର ତ୍ରୟ ମାସିକ ହିସାବ ଏହି କାର୍ଯ୍ୟାଳୟ ରେ ଦାଖଲ କରିବେ ।
17. ଯଦି ଉକ୍ତ ନିଲାମ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ସଂଶୋଧନ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ର ରହିଛି ଏବଂ କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ ବାତିଲ ବା ସ୍ଥଗିତ କରିପାରିବେ ।
18. ଲିଜ ଅବଧି ମଧ୍ୟରେ ଲିଜଧାରୀ ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀର ଉଲଂଘନ କଲେ ତାଙ୍କ ଲିଜ ରଦ୍ଦ କରିବା ସଙ୍ଗେ ସଙ୍ଗେ ଜମାରାଶିକୁ ବାଜ୍ୟାପ୍ତି କରାଯିବ ।
19. ଲିଜଧାରୀ Mines Act 1952 ଏବଂ Explosive Act 1984 ର ସମସ୍ତ ନିୟମ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ ।

**ତହସିଲଦାର, ନିଶ୍ଚିନ୍ତକୋଇଲି**
14.9.2020

ଜ୍ଞାପନ ସଂଖ୍ୟା 1994 / ତା 14.09.2020

ଏହାର ଏକାକିତା ନକଲ ନକଲ ଜିଲ୍ଲାପାଳ, କଟକ / ଉପ – ଜିଲ୍ଲାପାଳ, ସଦର, କଟକ / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନିଶ୍ଚିନ୍ତକୋଇଲି ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ନିଶ୍ଚିନ୍ତକୋଇଲି

ଜ୍ଞାପନ ସଂଖ୍ୟା 1995 / ତା 14.09.2020

ଏହାର ଏକାକିତା ନକଲ DIO, NIC, Cuttack ଙ୍କ ଅବଗତି ତଥା କଟକ ଜିଲ୍ଲା website ରେ ଉପଲବ୍ଧ କରିବା ନିମନ୍ତେ ଏବଂ PRO, DIPRO, Collectorate, Cuttack ଙ୍କ ଅବଗତି ତଥା ଦୈନିକ ଓଡିଆ ଖବରକାଗଜ ରେ ବିଜ୍ଞାପନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ନିଶ୍ଚିନ୍ତକୋଇଲି

ଜ୍ଞାପନ ସଂଖ୍ୟା 1996 / ତା 14.09.2020

ଏହାର ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନିଶ୍ଚିନ୍ତକୋଇଲି, ପଞ୍ଚାୟତ ସମିତି କାର୍ଯ୍ୟାଳୟ ନୋଟିସ ବୋର୍ଡ / ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ/ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ/ ସମସ୍ତ ଗ୍ରାମ ପଞ୍ଚାୟତ ଏବଂ ସମ୍ପୃକ୍ତ ଗ୍ରାମ ଏବଂ ସଇରାତ ସ୍ଥଳରେ ରେ ଜନସାଧାରଣଙ୍କ ଅବଗତି ଏବଂ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ନିଶ୍ଚିନ୍ତକୋଇଲି

# List of Minor Minerals Sources under Nischintakoili Tahasil for 5 year Lease

| Sl. No. | Name of the Source | Village | Khata | Plot | Lease Area (in Ha) | Kisam | Minimum guarenteed CuM per annum | Rate of Royalty per CuM | Additional Charge | Total (Col. 9+10) | EM (5% of Column No. (9+10) x Col. 8) (in Rs.) |
|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| 1 | Balipada Luna River Sand | Balipada | 1006 | 1210 | 5 | Nadi | 3000 | ₹ 35.00 | ₹ 11.00 | ₹ 46.00 | ₹ 6,900.00 |
| 2 | Berhampur Chitrotpala River Sand | Berhampur | 271 | 634 | 5 | Nadi | 3000 | ₹ 35.00 | ₹ 11.00 | ₹ 46.00 | ₹ 6,900.00 |
| 3 | Charirakaba Chitrotpala River Sand | Charirakaba | 481 | 819 | 5 | Nadi | 1000 | ₹ 35.00 | ₹ 11.00 | ₹ 46.00 | ₹ 2,300.00 |
| 4 | Demando Luna River Sand | Demando | 325 | 192 | 5 | Nadi | 1500 | ₹ 35.00 | ₹ 11.00 | ₹ 46.00 | ₹ 3,450.00 |
| 5 | Kalamishree Jayantapur Chitrotpala River Sand | Kalamishree Jayantapur | 296 | 1 | 5 | Nadi | 1000 | ₹ 35.00 | ₹ 56.00 | ₹ 91.00 | ₹ 4,550.00 |
| 6 | Kulaganisailo Luna River Sand | Kulaganisailo | 817 | 1920<br>1921 | 5 | Nadi | 5000 | ₹ 35.00 | ₹ 56.00 | ₹ 91.00 | ₹ 22,750.00 |
| 7 | Kulasukarapada Lokanathpur Luna River | Kulasukarapada Lokanathpur | 371 | 1022 | 5 | Nadi | 10000 | ₹ 35.00 | ₹ 56.00 | ₹ 91.00 | ₹ 45,500.00 |
| 8 | Nagaspur Chitrotpala River Sand | Nagaspur | 1013 | 535 | 5 | Nadi | 1000 | ₹ 35.00 | ₹ 11.00 | ₹ 46.00 | ₹ 2,300.00 |
| 9 | Palada Chitrotpala River Sand | Palada | 548 | 169 | 5 | Nadi | 2000 | ₹ 35.00 | ₹ 11.00 | ₹ 46.00 | ₹ 4,600.00 |
| 10 | Sahadebpur Luna River Sand | Sahadebpur | 563 | 45 | 5 | Nadi | 2000 | ₹ 35.00 | ₹ 11.00 | ₹ 46.00 | ₹ 4,600.00 |
| 11 | Sanaroutapati Chitrotpala River Sand | Sanaroutapati | 49 | 185 | 5 | Nadi | 3000 | ₹ 35.00 | ₹ 11.00 | ₹ 46.00 | ₹ 6,900.00 |

Tahasildar, Nischintakoili
14-9-2020